# ଶ୍ରୀ ଶ୍ରୀ ମା’ବିରଜା ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟାଳୟ, ଯାଜପୁର

E-mail ID-mbttb@maabiraja.com/maabirajattb@gmail.com
Ph- 06728-223900/Website-www.maabiraja.com

ନଂ- ୨୮ ତା- ୧୦.୩.୨୪ ରିଖ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିଯେ ଶ୍ରୀ ଶ୍ରୀ ମା’ବିରଜା ମନ୍ଦିର ବେଢାବାହାରେ ଚାରିଚକିଆଯାନ(ପାର୍କିଂ) ଆସନ୍ତାତା ୧୯.୩.୨ ରିଖ ଦି ୧୧ ଘଟିକା ସମୟରେ ଉପ-ଜିଲ୍ଲାପାଳ ଯାଜପୁରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ୨୦୨୪-୨୦୨୫ବର୍ଷ ନିମନ୍ତେ ପ୍ରକାଶ୍ୟ ନିଲାମ କରାଯିବ. ନିଲାମରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକବ୍ୟକ୍ତି ନିର୍ଦ୍ଧାରିତ ସ୍ଥାନ,ତାରିଖ ଓ ସମୟରେ ଉପସ୍ଥିତରହି ନିଲାମରେ ଅଂଶଗ୍ରହଣ କରିପାରିବେ ଏବଂ ଏଥିସହ ସମ୍ପୃକ୍ତ ସମସ୍ତ ସର୍ତ୍ତାବଳୀ ମାନିବାକୁ ବାଧ୍ୟହେବେ ନଚେତ ତାଙ୍କଦ୍ୱାରା ଦାଖଲହୋଇଥିବା ଅମାନତରାଶିକୁ ଯେକୌଣସି ସମୟରେ ବାଜ୍ୟାପ୍ତି କରାଯାଇପାରିବ।

ଯଦି ଚାରିଚକିଆଯାନ(ପାର୍କିଂ) ତା ୧୯.୦୩.୨୦୨୪ ରିଖ ଦିନ ନିଲାମ ହୋଇ ନପାରିବ ତା ୨୬.୦୩.୨୦୨୪ ରିଖ ସମାନ ସମୟ ଓ ସ୍ଥାନରେ ପୁନଃ ନିଲାମ ଅନୁଷ୍ଠିତ ହେବ। ଯଦି ତା ୨୬.୦୩.୨୦୨୪ ରିଖ ଦିନ ନିଲାମ ହୋଇନପାରିବ ତାହା ପୁନଃ ନିଲାମ ତା ୨୯.୦୩.୨୦୨୪ ରିଖ ସମାନ ସମୟ ଓ ସ୍ଥାନ ଠାରେ ଅନୁଷ୍ଠିତ ହେବ।

| କ୍ର.ନଂ | ୨୦୨୪-୨୦୨୫ ବର୍ଷପାଇଁ ହେବାକୁଥିବା ଉଚ୍ଛରନାମ | ଅପସେଟ ମୂଲ୍ୟ (ଟଙ୍କାରେ) (Upset price) | ଅମାନତଜମା ୧୦% (ଟଙ୍କାରେ) | ଅମାନତଜମା ଦାଖଲପାଇଁ ତାରିଖ | ସମ୍ପୃକ୍ତ ନିଲାମ ପାଇଁ ଇସ୍ତାହାର ସଂଲଗ୍ନ କରାଗଲା |
|---|---|---|---|---|---|
| ୧ | ଚାରିଚକିଆଯାନ(ପାର୍କିଂ) | ୧,୦୭,୫୦୦/- | ୧୦,୭୫୦/- | ନିଲାମ ତାରିଖ ପୂର୍ବଦିନ | ସଂଲଗ୍ନ |

ପରିପତ୍ରସଂଖ୍ୟା- ୨୦(୪) ତାରିଖ- ୧୦.୩.୨୪ ରିଖ

ଏହାରଏକକିତାନକଲ ଜିଲ୍ଲାପାଳ, ଯାଜପୁରଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ/ ଉପ-ଜିଲ୍ଲାପାଳ, ଯାଜପୁରଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ / ତହସିଲ କାର୍ଯ୍ୟାଳୟ, ଯାଜପୁର ନୋଟିସ ବୋର୍ଡ / ନିର୍ବାହୀଅଧିକାରୀ ଯାଜପୁର ପୌରପାଳିକାଙ୍କ କାର୍ଯ୍ୟାଳୟ ନୋଟିସବୋର୍ଡ ଓ ବିରଜା ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଜନସାଧାରଣଙ୍କ ଅବଗତିନିମନ୍ତେ ପ୍ରକାଶ କରାଗଲା।

ଲ. [signature] ୧୦.୩.୨୪

ମ୍ୟାନେଜିଂଟ୍ରଷ୍ଟି ତଥା
ଉପ-ଜିଲ୍ଲାପାଳ, ଯାଜପୁର

ପରିପତ୍ରସଂଖ୍ୟା- ୨୧ ତାରିଖ- ୧୦.୩.୨୪

ଏହି ବିଜ୍ଞାପନକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜିଲ୍ଲା ୱେବ୍‌ସାଇଟ୍‌ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା।

ଲ. [signature] ୧୦.୩.୨୪

ମ୍ୟାନେଜିଂଟ୍ରଷ୍ଟି ତଥା
ଉପ-ଜିଲ୍ଲାପାଳ, ଯାଜପୁର

Scanned with OKEN Scanner

## ସର୍ତ୍ତାବଳୀ

## ତିନିଚକିଆ /ଚାରିଚକିଆଯାନଷ୍ଟାଣ୍ଡ

୧. ଉପରୋକ୍ତ ଚାରିଚକିଆଯାନ ଷ୍ଟାଣ୍ଡ ପାର୍କିଂ ନିମନ୍ତେ୧୦% ଅମାନତ ରାଶିସ୍ୱରୁପ ଅର୍ଥ ଟ ୯,୦୭,୫୦୦/-ଙ୍କା Managing Trustee Maa Biraja Temple, Jajpur (Payable at State Bank of India, Jajpur Town Branch, IFSC 0000094) (Branch Code-00094) ଙ୍କ ନାମରେ Demand draft ନିଲାମ ତାରିଖ ପୁର୍ବଦିନ Managing Trustee Maa Biraja Temple, Jajpur ଙ୍କ ଅଫିସରେ ଦାଖଲ ଦେଇ ରସିଦ ହାସଲକରି ନିଲାମ ଡାକରେ ଅଂଶ ଗ୍ରହଣ କରିପାରିବେ । ନଚେତ ନିଲାମରେ ଅଂଶଗ୍ରହଣ କରିପାରିବେ ନାହିଁ ।

୨. ଉପରୋକ୍ତ ନିଲାମ ନିମନ୍ତେ ସର୍ବନିମ୍ନଟଙ୍କା ଟ୯୦,୭୫୦/-ଙ୍କା ଧାର୍ଯ୍ୟକରାଯାଇଛି ।

୩. ମନ୍ଦିରର କୌଣସିଦେୟ ବାକିରଖିଥିବା ବ୍ୟକ୍ତି ବା ତାଙ୍କ ସମ୍ପର୍କୀୟ ଉକ୍ତ ନିଲାମରେ ଭାଗନେଇପାରିବେ ନାହିଁ ।

୪. ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ସିଦ୍ଧହେବ ସେ ଉକ୍ତଦିନ ନିଲାମ ମୂଲ୍ୟର ଶତକଡା ୯୦%ଭାଗ ଅର୍ଥ SBI. Jajpur town main Branch AC.NO-11308945546 / IFSC 0000094) (Branch Code-00094) ରେ RTGS/NEFT **ମାଧ୍ୟମରେ** ଜମାଦେଇ ମନ୍ଦିର କାର୍ଯ୍ୟାଳୟରୁ ରସିଦ ହାସଲ କରିବେ ଓ ଅବଶିଷ୍ଟ ୧୦% ଅର୍ଥ ତା ୩୧.୧୨.୨୦୨୫ ରିଖ ସୁଦ୍ଧା ମନ୍ଦିର କାର୍ଯ୍ୟାଳୟରେ ଦାଖଲ କରେିବେ ।

୫. ନୀଲାମଧାରୀ ନିଜଖର୍ଚ୍ଚରେ ଏକଏକରାରନାମା ପ୍ରସ୍ତୁତିକରି ମନ୍ଦିରର ସମସ୍ତ ସର୍ତ୍ତାବଳୀ ମାନ ଲିପିବଦ୍ଧ କରି ନିମ୍ନସ୍ୱାକ୍ଷର କାରିଙ୍କ ନିକଟରେ ୭ଦିନମଧରେ ଦାଖଲ କରିବେ ।

୬. ଯଦିକୌଣସି କାରଣରୁ ନିଲାମଧାରୀ ନିଲାମଟଙ୍କା ପୈଠକରିବାରେ ତୃଟିକରନ୍ତି ତେବେତାଙ୍କଦ୍ୱାରା ଦାଖଲ ଅମାନତ ରାଶିକୁ ବାଜ୍ୟାପ୍ତି କରାଯିବ ଓ ତାଙ୍କ ତଳକୁ ଥିବା ବ୍ୟକ୍ତଙ୍କ ଡାକକୁ ବିଚାରକୁ ନିଆଯିବ /ପୁନିନିଲାମ କରାଯିବ/ବିକଳ୍ପବ୍ୟବସ୍ଥା ଗ୍ରହଣ କରାଯିବ (କିପ୍ରକାର ବିକଳ୍ପବ୍ୟସ୍ଥାଗ୍ରହଣ କରାଯିବ ତାହାମୁଖ୍ୟ ପରିଚାଳକ ସ୍ଥିରକରି ଆବଶ୍ୟକ ପଦକ୍ଷେପନେବେ)

୭.ନିଲାମରେ କୈାଣସି ଅଂଶିଦାର ନରଖିବାକୁ ସ୍ଥିରକରି ନିଲାମରେ କେବଳଅମାନତ ଜମାକାରୀଙ୍କ ବ୍ୟତିତ ଅନ୍ୟକୌଣସି ବ୍ୟକ୍ତି ନିଲାମସ୍ଥାନରେ ଉପସ୍ଥିତ ରହିପାରିବେନାହିଁ ।

୮. ସର୍ବୋପରି କୌଣସି କାରଣ ନଦର୍ଶାଇ ଉକ୍ତନିଲାମକୁ ନାକଚକରିବାର ସମସ୍ତକ୍ଷମତା ନିମ୍ନସ୍ୱାକ୍ଷରକାରୀଙ୍କର ଅଛି ।

୯. ନିଲାମଧାରୀ ଉକ୍ତ ସ୍ଥାନର ପରିଚ୍ଛନ୍ନତା ତଥା ଶୃଙ୍ଖଳା ରଖିବା ସହିତ ଯାତ୍ରୀମାନଙ୍କୁ ଉତ୍ତମବ୍ୟବହାର କରିବା ପାଇଁ ବାଧ୍ୟରହିବେ ।

୧୦. ମନ୍ଦିର ଦ୍ୱାରା ଏଥିପୂର୍ବରୁ ଧାର୍ଯ୍ୟକରାଯାଇଥିବା ପାର୍କିଂ ସ୍ଥାନରୁ ନିମ୍ନଲିଖିତ ମତେ ପାର୍କିଂ ଭଡାଆଦାୟ କରିପାରିବେ ।

୧୧. ନିମ୍ନଲିଖିତ ମୂଲ୍ୟର ରସିଦ ବହି ଛପାଇବେ ଓ ଟ୍ରଷ୍ଟବୋର୍ଡ ଅଫିସରୁ ସିଲମାରିନେବେ ।

୧୨. ମନ୍ଦିର ପରିସର ବାହାରେ ଦୁର୍ଗାପୂଜା ଓ ସନକ୍ଷତ୍ର ପୂଜା ସମୟରେ କରାଯାଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ କରୁଥିବା ସଂସ୍ଥା ମାନଙ୍କୁ କୌଣସିଦେୟ ମାଗିବେ ନାହିଁ ।

୧୩. ଅମାନତ ଦେୟ ବର୍ଷ ଶେଷରେ ଫେରସ୍ତ ନେବେ ।

୧୪.ମନ୍ଦିର ଟ୍ରଷ୍ଟବୋର୍ଡ ତରଫରୁ ଯେକୌଣସି ବ୍ୟକ୍ତିଙ୍କ ଉପରେ ପୂର୍ବରୁ କୌଣସି ଆପତ୍ତି ଅଭିଯୋଗ ଥିଲେ କିମ୍ବା ଏକାଧିକ ତାଗିଦ ନୋଟିସ ପାଇଥିବା ବ୍ୟକ୍ତି ନିଲାମରରେ ଭାଗନେଇପାରିବେ ନାହିଁ ।

**୧୫.ନୀଲାମଧାରୀ ପାର୍କିଂସ୍ଥାନରେ ନିଜଖର୍ଚ୍ଚରେ ଏକମୂଲ୍ୟ ସୂଚୀ ବୋର୍ଡ ଲଗାଇବେ । ନିଲାମଧାରୀ ନିଲାମ ପ୍ରାପ୍ତିର ୭ଦିନମଧରେ ମୂଲ୍ୟସୂଚୀବୋର୍ଡ ନଲଗାନ୍ତି ତେବେ ଦିନ ପ୍ରତି ୫୦୦/-ଟଙ୍କା ଜୋରିମାନା ଆଦାୟ କରାଯିବ ଏବଂ ଯଦି୧ ମାସ ଅବଧି ମଧରେ କାର୍ଯ୍ୟକାରୀ ନକରନ୍ତି ତେବେ ନିଲାମକୁ ରଦ୍ଦକରାଯିବ ।**

୧.୬ଚକିଆ ଓ ୧୦ଚକିଆଯାନ -୮୦/-
୨.୪ଚକିଆ ଟ୍ରାଭେଲର-୫୦/-
୩.୪ଚକିଆ କାର ଓ ଅନ୍ୟାନ-୩୦/-
୪.୩ଚକିଆଅଟୋ -୧୦/-
୫.୨ଚକିଆ ମଟରଗାଡି ଓ ହେଲମେଟ-୧୦/-

ମ୍ୟାନେଜିଂଟ୍ରଷ୍ଟି ତଥା
ଉପ-ଜିଲ୍ଲାପାଳ, ଯାଜପୁର